# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 4 February - 2025

### News Editor : Tapan Kumar Maharana

*******************************

## ମୁଖ୍ୟ ସମ୍ବାଦ

- ଗାଁର ବିକାଶମୂଳକ କାର୍ଯ୍ୟକୁ ପ୍ରାଧାନ୍ୟ ଦେଇ ଆସନ୍ତାକାଲିଠାରୁ ରାଜ୍ୟରେ କାର୍ଯ୍ୟକାରୀ ହେବ 'ବିକଶିତ ଗାଁ, ବିକଶିତ ଓଡ଼ିଶା ଯୋଜନା'
- ରାଜସ୍ୱ ସେବା ନିୟମରେ ପରିବର୍ତ୍ତନ ପାଇଁ ଯୋଜନା କରୁଛନ୍ତି ସରକାର; କହିଲେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ
- ପବିତ୍ର ମାଘ ସପ୍ତମୀ ଅବସରରେ କୋଣାର୍କ ଚନ୍ଦ୍ରଭାଗାରେ ମାଘ ବୁଡ଼ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼
- 'ଅନନ୍ୟତାରେ ଏକତା'ର ବାର୍ତ୍ତା ନେଇ ଆଜି ପାଳନ ହେଉଛି ବିଶ୍ୱ କର୍କଟ ଦିବସ

ଏବଂ

- ରାଜ୍ୟବ୍ୟାପୀ ପାଳିତ ହେଉଛି ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପୁଣ୍ୟତିଥି

*Desk*

# ବିକଶିତ ଗାଁ, ବିକଶିତ ଓଡ଼ିଶା

ରାଜ୍ୟରେ ଆସନ୍ତାକାଲିଠାରୁ ‘ବିକଶିତ ଗାଁ, ବିକଶିତ ଓଡ଼ିଶା’ ଯୋଜନା କାର୍ଯ୍ୟକାରୀ ହେବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଖୋର୍ଦ୍ଧା ଜିଲ୍ଲା ଜଙ୍କିଆରୁ ଏହି ଯୋଜନାର ଶୁଭାରମ୍ଭ କରିବେ । ଉଦ୍‌ଘାଟନୀ ସମାରୋହରେ ଜିଲ୍ଲା ଏବଂ ବ୍ଲକସ୍ତରୀୟ ପ୍ରତିନିଧି ଆଭାସୀ ମାଧ୍ୟମରେ ସାମିଲ ହେବେ । ଏହି ଯୋଜନା ଅଧୀନରେ ଗ୍ରାମସଭା ନିଷ୍ପତ୍ତି ଆଧାରରେ ଗାଁର ବିକାଶମୂଳକ କାର୍ଯ୍ୟ କରାଯିବ ।

*Desk*

# ରାଜସ୍ୱ ନିୟମ ପରିବର୍ତ୍ତନ

ରାଜ୍ୟରେ ରାଜସ୍ୱ ସେବା ନିୟମରେ ପରିବର୍ତ୍ତନ ପାଇଁ ସରକାର ଯୋଜନା କରୁଥିବା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ଗତକାଲି ଝାରସୁଗୁଡ଼ା ଜିଲ୍ଲା ଗସ୍ତରେ ଯାଇ ଶ୍ରୀ ପୂଜାରୀ କହିଛନ୍ତି, ନୂତନ ଆଇନରେ ରାଜସ୍ୱ ସେବା ନିୟମ ସରଳୀକରଣ ହେବ। ଭୂମିହୀନ ଭାବେ ତାଲିକାଭୁକ୍ତ ପରିବାରଙ୍କୁ ସେମାନେ ରହୁଥିବା ନିକଟବର୍ତ୍ତୀ ସ୍ଥାନରେ ଜମି ଯୋଗାଇ ଦେବାକୁ ସରକାର ପ୍ରୟାସ କରୁଛନ୍ତି। ୪ ଡିସ୍‌ମିଲରୁ କମ୍ ଜମି ଥିଲେ ସମ୍ପୃକ୍ତ ପରିବାରକୁ ଭୂମିହୀନରେ ଗଣାଯିବ, ୨ ଡିସ୍‌ମିଲ୍ ଥିଲେ ଆଉ ଦୁଇ ଡିସ୍‌ମିଲ୍ ଏବଂ ୩ ଡିସ୍‌ମିଲ୍ ଥିଲେ ଗୋଟିଏ ଡିସ୍‌ମିଲ୍ ଜମି ଦିଆଯିବାର ବ୍ୟବସ୍ଥା କରାଯିବ ବୋଲି

ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି । ପୂର୍ବରୁ ସରକାରଙ୍କଠାରୁ ମିଳୁଥିବା ଜମିକୁ ୧୦ ବର୍ଷ ପରେ ହିତାଧିକାରୀମାନେ ବିକ୍ରି କରିପାରୁଥିବାବେଳେ ନୂଆ ଆଇନରେ ସେମାନଙ୍କର ବଂଶଧରମାନେ ଜମିକୁ ଉତ୍ତରାଧିକାରୀ ସୂତ୍ରରେ ପାଇବେ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ।

***HS***

## ଷୋଡ଼ଶ ଅର୍ଥ କମିଶନ

ଷୋଡ଼ଶ ଅର୍ଥ କମିଶନ ଆଜିଠାରୁ ଚାରିଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି । ଅରବିନ୍ଦ ପାନାଗାରିଆଙ୍କ ଅଧ୍ୟକ୍ଷତାରେ ୧୫ ଜଣିଆ ସଦସ୍ୟ ବିଶିଷ୍ଟ କମିଶନ ଆସନ୍ତା ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ ପ୍ରମୁଖ ଅଧିକାରୀଙ୍କ ସହ ବୈଠକ କରିବାର କାର୍ଯ୍ୟକ୍ରମ ରହିଛି । ଏଥିସହିତ କମିଶନ ରାଜ୍ୟର ପ୍ରମୁଖ ରାଜନୈତିକ ଦଳର ପ୍ରତିନିଧିଙ୍କୁ ସାକ୍ଷାତ କରିବେ । ସୂଚନାଯୋଗ୍ୟ, ପୂର୍ବରୁ ରାଜ୍ୟ ସରକାର ବିକାଶମୂଳକ କାର୍ଯ୍ୟ ଲାଗି ଆସନ୍ତା ୫ ବର୍ଷ ପାଇଁ ୧୨ ଲକ୍ଷ କୋଟିରୁ ଅଧିକ ଟଙ୍କାର ଦାବି କମିଶନଙ୍କ ନିକଟରେ ଉପସ୍ଥାପନା କରିବା ନେଇ ନିଷ୍ପତ୍ତି ନେଇଥିଲେ ।

***Desk***

## ଷ୍ଟାଫ୍ ସିଲେକସନ୍

ଓଡ଼ିଶା ରାଜ୍ୟ ଅଧସ୍ତନ କର୍ମଚାରୀ ପ୍ରବରଣ ଆୟୋଗ–OSSSC ଦ୍ୱାରା ପରିଚାଳିତ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି ମାମଲାରେ ହାଇକୋର୍ଟ ରହିତାଦେଶ ଜାରି କରିଛନ୍ତି । ମନୋନୟନ ପ୍ରକ୍ରିୟା ଜାରି ରଖିବାକୁ

ନିର୍ଦ୍ଦେଶ ଦିଆଯାଇଥିବା ବେଳେ ଅଦାଲତଙ୍କ ବିନା ଅନୁମତିରେ ନିଯୁକ୍ତି କରାଯାଇପାରିବ ନାହିଁ ବୋଲି ଆଦେଶରେ କୁହାଯାଇଛି । ଏ ନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସଚିବ ଏବଂ  ଆୟୋଗର ଆୟୁକ୍ତଙ୍କୁ ନୋଟିସ ଜାରି କରାଯାଇଛି । ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ମାସ ତୃତୀୟ ସପ୍ତାହକୁ ଧାର୍ଯ୍ୟ କରାଯାଇଛି । ସୂଚନାଯୋଗ୍ୟ, ୨୦୨୩ ମସିହା ଏପ୍ରିଲ ୨୯ ତାରିଖରେ ଆୟୋଗ ପକ୍ଷରୁ ୨ ହଜାର ୭୫୩ଟି ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ପଦ ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ ପାଇଥିଲା ।

***Desk***

## ମାଘ ସପ୍ତମୀ

ପବିତ୍ର ମାଘ ସପ୍ତମୀ ଅବସରରେ କୋଣାର୍କ ଚନ୍ଦ୍ରଭାଗାରେ ଶ୍ରଦ୍ଧାଳୁମାନେ ମାଘ ବୁଡ଼ ପକାଇଛନ୍ତି ।  ପରମ୍ପରା ଅନୁସାରେ, ମାଧୁପୁରର ତ୍ରିବେଣୀଶ୍ୱର ମହାଦେବ, ସନ୍ଥପୁରର ଐଶ୍ୱାନେଶ୍ୱର ଏବଂ କୁରୁଜଂଗର ଦକ୍ଷିଣେଶ୍ୱର ମହାଦେବ ଭୋର୍ ସମୟରେ ଚନ୍ଦ୍ରଭାଗା ତୀର୍ଥରେ ମହାସ୍ନାନ କରିବାପରେ  ସାଧୁସନ୍ଥ ଓ ଶ୍ରଦ୍ଧାଳୁମାନେ ବୁଡ଼ ପକାଇଥିଲେ । ସୂର୍ଯ୍ୟଦେବଙ୍କ ଜନ୍ମତିଥି ହେତୁ ମାଘ ସପ୍ତମୀରେ ଚନ୍ଦ୍ରଭାଗାରେ ବୁଡ଼ ପକାଇ କୃଷ୍ଣଙ୍କ ପୁତ୍ର ଶାମ୍ବ ଦୂରାରୋଗ୍ୟ ବ୍ୟାଧିରୁ ମୁକ୍ତ ହୋଇଥିବାର କିମ୍ବଦନ୍ତୀ ରହିଛି । ଏହି ନୀତିକୁ ଅନୁସରଣ କରି ବହୁ ଶ୍ରଦ୍ଧାଳୁ ପ୍ରତ୍ୟେକ ବର୍ଷ ଆଜିର ଦିନରେ ଚନ୍ଦ୍ରଭାଗାରେ ବୁଡ଼ ପକାଇଥାନ୍ତି ।

ଅନ୍ୟପକ୍ଷରେ ଖଣ୍ଡଗିରି କୁମ୍ଭମେଳା ଆଜିଠାରୁ ଆରମ୍ଭ ହେଉଛି। ପ୍ରଶାସନ ପକ୍ଷରୁ ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ବ୍ୟାପକ ବନ୍ଦୋବସ୍ତ ଗ୍ରହଣ କରାଯାଇଛି।

***Desk***

## ଖଣି ନିଲାମ

ରାଜ୍ୟ ସରକାର ୧୦ଟି ଖଣିଜ ବ୍ଲକର ନିଲାମ ପାଇଁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ସେଥିମଧ୍ୟରେ ୪ଟି ଲୁହାପଥର ଖଣି ରହିଛି। ନିଲାମ ହେବାକୁ ଥିବା ଖଣି ମଧ୍ୟରେ ସୁନ୍ଦରଗଡ଼ର କୋଇଡ଼ା, କେନ୍ଦୁଝରର ରୋଇଡ଼ା-୧, ପୁଟୁଳିପାଣି ଏବଂ ଜଳାହୁରୀ ରହିଛି। ଏହା ବ୍ୟତୀତ ଏକ ପୂର୍ବରୁ ଉତ୍ତୋଳନ ହୋଇନଥିବା ଝୁମୁକାପଥରୀପୋଷୀ ଓ୍ୱେଷ୍ଟ ଲୁହାପଥର ଖଣିକୁ ମଧ୍ୟ ନିଲାମ ପାଇଁ ରଖାଯିବ। କଳାହାଣ୍ଡି ଜିଲ୍ଲାର କର୍ଲାପାର୍ଟ ଓ ରାୟଗଡ଼ାର ନୁନାପାଇମାଲିସ୍ଥିତ ଦୁଇଟି ଏଭଳି ବକ୍ସାଇଟ ଖଣିର ନିଲାମକୁ ମଧ୍ୟ ଅନୁମୋଦନ ମିଳିଛି। ଲୁହାପଥର ଓ ମାଙ୍ଗାନିଜ ଥିବା ସୁନ୍ଦରଗଡ଼ର ଭାଞ୍ଜିକୁସୁମସ୍ଥିତ ଓରାହୁରି ଏବଂ କେନ୍ଦୁଝରର ରୋଇଡ଼ା-ଡି' ଠାରେ ଥିବା ଲୁହାପଥର ଓ ମାଙ୍ଗାନିଜ୍ ଖଣି ବ୍ଲକକୁ ନିଲାମ ପାଇଁ ସାମିଲ କରାଯାଇଛି।

***Desk***

# ବିଶ୍ୱ କର୍କଟ ରୋଗ ଦିବସ

କର୍କଟ ରୋଗର କାରଣ ଏବଂ ନିରାକରଣ ଦିଗରେ ସଚେତନତା ବୃଦ୍ଧି ଲକ୍ଷ୍ୟରେ ଆଜି ବିଶ୍ୱ କର୍କଟ ରୋଗ ଦିବସ ପାଳନ କରାଯାଉଛି।

ଚଳିତବର୍ଷର ବାର୍ତ୍ତା ରହିଛି 'ଅନନ୍ୟତାରେ ଏକତା' । ୨୦୦୦ ମସିହା ଫେବୃୟାରୀ ୪ ତାରିଖରେ ପ୍ୟାରିସ୍‌ଠାରେ ପ୍ରଥମଥର ପାଇଁ ବିଶ୍ୱ କର୍କଟ ରୋଗ ଦିବସ ପାଳନ କରାଯାଇଥିଲା । ପ୍ରାରମ୍ଭିକ ଅବସ୍ଥାରେ ଚିହ୍ନଟ ଏବଂ ଉପଯୁକ୍ତ ଚିକିତ୍ସା ଦ୍ୱାରା ଏହି ରୋଗରୁ ସମ୍ପୂର୍ଣ୍ଣ ଆରୋଗ୍ୟଲାଭ ସମ୍ଭବ । ବ୍ୟକ୍ତିଗତ ଏବଂ ସାମୂହିକସ୍ତରରେ  ପ୍ରୟାସ ଜାରି ରଖି କର୍କଟ ମୁକ୍ତ ଭବିଷ୍ୟତ ଗଠନ ଜରୁରୀ ହୋଇପଡ଼ିଛି। ସଚେତନତା ଓ ଦୃଢ଼ ନିଷ୍ପତ୍ତି ଦ୍ୱାରା କର୍କଟ ରୋଗ ସହ ଲଢ଼ିବା ପାଇଁ ବିଶ୍ୱ କର୍କଟ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆହ୍ୱାନ ଦେଇଛନ୍ତି।

କଟକସ୍ଥିତ ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ କେନ୍ଦ୍ରର ଡାକ୍ତର ସୁବ୍ରତ ସାମନ୍ତରା ଆକାଶବାଣୀକୁ ସ୍ୱତନ୍ତ୍ର ସାକ୍ଷାତକାରରେ କହିଛନ୍ତି...

**- V/O -**

ବିଶ୍ୱ କର୍କଟ ଦିବସ ଅବସରରେ ତୃଣମୂଳସ୍ତରରେ ସଚେତନତା ସୃଷ୍ଟି କରୁଥିବା ଭୁବନେଶ୍ୱରସ୍ଥିତ ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟ ଶଶିକାନ୍ତ ସ୍ୱାଇଁ କହନ୍ତି...

**- V/O -**

ଭଦ୍ରକ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବାରିପଦା କେ.କେ.ଆର୍ ମହାବିଦ୍ୟାଳୟରେ କର୍କଟ ଦିବସ ଅବସରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ଅତିରିକ୍ତ ଚିକିତ୍ସା

ଅଧିକାରୀ, ଡାକ୍ତର, ଶିକ୍ଷାବିତ୍ ପ୍ରମୁଖ ଯୋଗଦେଇ କର୍କଟ ରୋଗର ନିରାକରଣ ପାଇଁ ଜନସାଧାରଣଙ୍କୁ ସଚେତନ କରାଇଥିଲେ।

ଏହି ଅବସରରେ ବିଭିନ୍ନ ସ୍ଥାନରେ ସଚେତନତାମୂଳକ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି ।

***BHK/CTC/BBSR/R***

# ମଧୁସୂଦନ ଦାସଙ୍କ ପୁଣ୍ୟତିଥି

ଉତ୍କଳ ଗୌରବ ମଧୁସୂଦନ ଦାସଙ୍କର ଆଜି ପୁଣ୍ୟତିଥି ପାଳନ କରାଯାଉଛି। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ । ୧୯୩୪ ମସିହା ଆଜିର ଦିନରେ ସେ ଇହଲୀଳା ସମ୍ବରଣ କରିଥିଲେ । ୧୮୪୮ ମସିହା ଏପ୍ରିଲ ୨୮ ତାରିଖରେ କଟକ ଜିଲ୍ଲାର ସତ୍ୟଭାମାପୁରଠାରେ ଜନ୍ମଲାଭ କରିଥିବା ମଧୁସୂଦନ ଦାସ ରାଜ୍ୟବାସୀଙ୍କ ମଧ୍ୟରେ ମଧୁ ବାରିଷ୍ଟର ନାମରେ ପରିଚିତ ଥିଲେ । ଭୁବନେଶ୍ୱରସ୍ଥିତ ରାଜଭବନ ଛକରେ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନେ ଆଜି ମାଲ୍ୟାର୍ପଣ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଆ ଭାଷା ଆନ୍ଦୋଳନର ମୁଖ୍ୟ ପୁରୋଧା ମଧୁସୂଦନ ଦାସଙ୍କ ପୁଣ୍ୟତିଥିରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ଜନନାୟକ ଭାବେ ମାତୃଭୂମିର ସୁରକ୍ଷା, ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ତାଙ୍କର ଯୋଗଦାନ ଚିରସ୍ମରଣୀୟ ହୋଇ ରହିବ ସେ କହିଛନ୍ତି।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର କର୍ଣ୍ଣଧାର ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପୁଣ୍ୟତିଥିରେ ତାଙ୍କର ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି।

ଆଜି ସନ୍ଧ୍ୟାରେ ଜୟଦେବଭବନଠାରେ ରାଜ୍ୟସ୍ତରୀୟ ଶ୍ରାଦ୍ଧୋତ୍ସବ କାର୍ଯ୍ୟକ୍ରମରେ ବାଚସ୍ପତି ସୁରମା ପାଢ଼ୀ ଯୋଗଦେବେ।

କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଗୋରାକବର ସ୍ଥିତ ମଧୁବାବୁଙ୍କ ସମାଧି ପୀଠରେ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି।

ଭଦ୍ରକ ଜିଲ୍ଲା ପ୍ରଶାସନ, ଓକିଲ ସଂଘ ଏବଂ ଜିଲ୍ଲାର ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଭଦ୍ରକ ପୁରୁଣା କୋର୍ଟ ପରିସରରେ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ମଧୁବାବୁଙ୍କ ଓକିଲାତି ଜୀବନ ଏବଂ ବହୁମୁଖୀ ପ୍ରତିଭା ଉପରେ ସ୍ମୃତିଚାରଣ କରିଛନ୍ତି।

******************************